**SET-4**

**Series SGN**

**Code No. 13**

Candidates must write the Code on the title page of the answer-book.

Roll No.

- ପ୍ରଶ୍ନପତ୍ରଟି **6** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।
- ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।
- ପ୍ରଶ୍ନପତ୍ରରେ **10**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।
- ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉପଯୁକ୍ତ ସ୍ଥାନରେ ଲେଖ ।
- ପ୍ରଶ୍ନପତ୍ର ପଢିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।
- Please check that this question paper contains **6** printed pages.
- Code number given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **10** questions.
- **Please write down the Serial Number of the question before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* — *ପୂର୍ଣ୍ଣ ସଂଖ୍ୟା : 100*

*Time allowed : 3 hours* — *Maximum Marks : 100*

ସୁଚନା : ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

(କ) ପଠନ *(Reading) – 10 Marks*

(ଖ) ଲିଖନ *(Writing) – 20 Marks*

(ଗ) ବ୍ୟାକରଣ *(Grammar) – 20 Marks*

(ଘ) ସାହିତ୍ୟ *(Literature) – 50 Marks*

ନିର୍ଦ୍ଦେଶାନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

**'କ' ବିଭାଗ**

**1.** ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । *2×5=10*

ଖଣ୍ଡଗିରି ଓ ଉଦୟଗିରିରେ ଖୋଦିତ ହୋଇଥିବା ଗୁମ୍ଫାଗୁଡ଼ିକର ନିର୍ମାଣ କାଳ ନିରୂପଣ ଲାଗି ହାତୀଗୁମ୍ଫା ଶିଳାଲେଖହିଁ ଏକମାତ୍ର ସହାୟକ । ଏହି ଶିଳାଲେଖରେ ଖାରବେଳଙ୍କ ରାଜତ୍ୱକାଳର ବିଭିନ୍ନ ବର୍ଷର ବିବରଣୀ ପ୍ରଦତ୍ତ । ଏଥିରେ ଖାରବେଳଙ୍କ ପ୍ରତିବର୍ଷର ଦିଗ୍‌ବିଜୟ କାହାଣୀ ଲିପିବଦ୍ଧ । ଖାରବେଳଙ୍କ ଲୋକହିତକାରୀ କାର୍ଯ୍ୟାବଳୀ ସହିତ ପ୍ରଜାମାନଙ୍କ ମନୋରଂଜନ ଲାଗି ଅନୁଷ୍ଠିତ ହେଉଥିବା ନାଟକ ଓ ନୃତ୍ୟାଭିନୟ, ସଂଗୀତାନୁଷ୍ଠାନ ଓ ଶୋଭାଯାତ୍ରା ପ୍ରଭୃତିର ବିବରଣୀ ମଧ ଏଥିରୁ ମିଳେ । ଶିଳାଲେଖରୁ ଜଣାପଡ଼େ ଯେ ଖଣ୍ଡଗିରି ଓ ଉଦୟଗିରି ପାହାଡ଼ରେ ଖାରବେଳ, ତାଙ୍କର ରାଣୀ ଏବଂ ପ୍ରଧାନ କର୍ମଚାରୀମାନଙ୍କ ଦ୍ୱାରା ୧୧୩ ଟି ଗୁମ୍ଫା ଖୋଦନ କରାଯାଇଥିଲା । ଗୁମ୍ଫାଗୁଡ଼ିକ

ମଧ୍ୟରେ ସ୍ୱର୍ଗପୁରୀ ଓ ମଞ୍ଚପୁରୀ ଗୁମ୍ଫା ଦୁଇଟି ପ୍ରାଚୀନତମ । ଏଗୁଡ଼ିକ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ନିର୍ମିତ ହୋଇଥିଲା । ଗୁମ୍ଫାଗୁଡ଼ିକରେ ଖୋଦିତ ବିଭିନ୍ନ ମୂର୍ତ୍ତି ଓ କାରୁକାର୍ଯ୍ୟ ଓଡିଶାର ଉନ୍ନତ ଶିଳ୍ପକଳାର ପରିଚାୟକ ।

ପ୍ରଶ୍ନାବଳୀ :

(କ) ଖଣ୍ଡଗିରି ଓ ଉଦୟଗିରିରେ ଖୋଦିତ ଗୁମ୍ଫା ଗୁଡ଼ିକର ନିର୍ମାଣ କାଳ କେବେ ?

(ଖ) ଏହି ଗୁମ୍ଫାଗୁଡ଼ିକ କାହାଦ୍ୱାରା ଖୋଦିତ ହୋଇଥିଲା ?

(ଗ) ହାତୀଗୁମ୍ଫା ଶିଳାଲେଖରେ କଣ ଲେଖା ଅଛି ?

(ଘ) ଗୁମ୍ଫାଗୁଡ଼ିକର ସଂଖ୍ୟା କେତେ ଓ କେଉଁ ଗୁମ୍ଫା ଦୁଇଟି ପ୍ରାଚୀନତମ ?

(ଙ) ଖାରବେଳ ପ୍ରଜାମାନଂକର ମନୋରଂଜନ ପାଇଁ କଣ କରୁଥିଲେ ?

## 'ଖ' ବିଭାଗ

2. ***ଗୋଟିଏ*** ବିଷୟରେ ପ୍ରବନ୍ଧ ଲେଖ । (ଶବ୍ଦସଂଖ୍ୟା 250 – 300) *12×1=12*

(କ) ସାମ୍ପ୍ରତିକ ସମୟରେ ସମ୍ବାଦପତ୍ରର ଭୂମିକା

(ଖ) ଧର୍ମନିରପେକ୍ଷତା

(ଗ) ଉତ୍କଳର ପ୍ରାଚୀନ କୀର୍ତ୍ତି

**3.** ମରୁଡ଼ି ପରିସ୍ଥିତିର ପ୍ରତିକାର ଲାଗି ଜିଲାପାଳଙ୍କ ନିକଟକୁ ଜନସାଧାରଣଙ୍କ ପକ୍ଷରୁ ଦରଖାସ୍ତ ଲେଖ । *8*

**କିମ୍ବା**

ତୁମ ଅଂଚଳରେ ବ୍ୟାପିଥିବା ଡେଙ୍ଗୁ ଜ୍ୱରର ପ୍ରତିକାର ଲାଗି ଜିଲ୍ଲା ଚିକିତ୍ସା ଅଧିକାରୀଙ୍କୁ ନିବେଦନ କର ।

**'ଗ' ବିଭାଗ**

**4.** (କ) ବିପରୀତାର୍ଥବୋଧକ ଶବ୍ଦ ଲେଖ । (5ଟିର) *5*

ବିରକ୍ତି, ପୁଣ୍ୟ, ପ୍ରବୃତ୍ତି, କୃତିମତା, ଅପରାଧୀ, ଉଠାଣି, ଶୂନ୍ୟ

(ଖ) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ । (5ଟିର) *5*

ଭିତ୍ତି–ଭୀତି, ବଳି–ବଳୀ, କୃତୀ–କୃତି, ଆଭାସ–ଆଭାଷ, ଆୟତ–ଆୟତ୍ତ, ଚରିତ–ଚରିତ୍ର, ଅର୍ଘ–ଅର୍ଘ୍ୟ

(ଗ) ଭ୍ରମ ସଂଶୋଧନ କର । (5ଟିର) *5*

ବାଲ୍ମିକୀ, ଷୋଶିତ, ବିଧୀ, ନିଳାଦ୍ରୀ, ପିୟୁଷ, ପ୍ରୀୟା, ପ୍ରଦୁଶଣ

(ଘ) ଏକ ପଦରେ ପ୍ରକାଶ କର । (5ଟିର) *5*

ଯେ ରଚନା କରେ, ପଢ଼ିବାର ଇଚ୍ଛା, ଗଣିତଶାସ୍ତ୍ରରେ ନିପୁଣ, ସ୍ତ୍ରୀର ଭକ୍ତ, ଯାହାର ଧନ ନାହିଁ, ଧାତୁ ସମ୍ବନ୍ଧୀୟ, କଣ୍ଠ ପର୍ଯ୍ୟନ୍ତ

## 'ଘ' ବିଭାଗ

**5.** ଦେବତା ଓ ଅସୁରମାନେ କିପରି ଭୁଲ କରିଥାନ୍ତି ତାର ଉଦାହରଣ ଦେଇ ଭୁଲ କିପରି ଦୂର ହେବ ଦର୍ଶାଅ । *10*

**କିମ୍ବା**

'କ୍ଷମା' ପ୍ରବଂଧର ଆଭିମୁଖ୍ୟ ଉପସ୍ଥାପନ କର ।

**6.** ସପ୍ରସଙ୍ଗ ସରଳାର୍ଥ ଲେଖ । *6*

ଆପଣାର ଯାହା ଅଛି, ତାହା ଫୋପାଡ଼ିଦେଇ ଅନ୍ୟ ସ୍ଥାନରୁ ଉପକରଣ ଗୋଟାଇ ଆଣି ଜାତୀୟ ଜୀବନ ଗଢ଼ିବା ସୁବୁଦ୍ଧିର କାର୍ଯ୍ୟ ନୁହେଁ ।

**କିମ୍ବା**

ତାର ଅର୍ଥ ହେଉଛି ବିଜ୍ଞାନ ଓ ଶିଳ୍ପ କୌଶଳକୁ ବଢ଼ାଇବା ସଂଗେ ସଂଗେ ଜାତିର ସଂସ୍କୃତିକୁ ମଧ୍ୟ ବଜାୟ ରଖିବାକୁ ହେବ ।

**7.** 'ଧର୍ମପଦର ଆତ୍ମଲିପି' ଅବଲମ୍ବନରେ କବିଙ୍କ ବିଚାରଧାରାର ଆକଳନ କର । *8*

**କିମ୍ବା**

ଗ୍ରାମ୍ୟ ଜୀବନର ନିଖୁଣ ଚିତ୍ର 'ଗ୍ରାମ ଶ୍ମଶାନ' ରେ କିପରି ପ୍ରତିଫଳିତ ଦର୍ଶାଅ ।

**8.** ସପ୍ରସଙ୍ଗ ସରଳାର୍ଥ ଲେଖ । *6*

ନେତ୍ର ଯୁଗେ ଯୁବା ପିଅନ୍ତି ଯେଉଁ ରୂପ ଅମୃତ,
ସେ ଅମୃତେ କଲା ଯୌବନ ବାଳା ତନୁ ଧଉତ ।

**କିମ୍ବା**

ଏକର ବିନାଶେ ଅନେକ ପ୍ରକାଶେ
ସୃଷ୍ଟିର ଏ ନିତ୍ୟ ବିଧି
ଏକର ଯା କ୍ଷୟ ଅନେକ ଉଦୟ
ଅନେକ ଏକର ସିଦ୍ଧି ।

**9.** ***ପାଞ୍ଚଟି*** ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ଦିଅ । *2×5=10*

(କ) ଜାତିର ଅନ୍ତଃସ୍ଥଳକୁ କିଏ ବେଶି ସ୍ପର୍ଶ କରେ ?

(ଖ) ପ୍ରତ୍ୟେକ ଜାତିକୁ କିଏ ସ୍ୱତନ୍ତ୍ର କରିଆସିଛି ?

(ଗ) ବେଦ ବିଷୟରେ ମାକ୍ସମୁଲାର୍ କଣ କହିଥିଲେ ?

(ଘ) ସଂସ୍କୃତି ବିଷୟରେ ଗାନ୍ଧିଜୀଙ୍କ ମତ କଣ ଥିଲା ?

(ଙ) ପ୍ରଜାଙ୍କ ହିତ ସାଧନ ପାଇଁ ରାଜାଙ୍କୁ କଣ କରିବାକୁ ପଡ଼େ ?

(ଚ) ମିଥ୍ୟା କଥାକୁ କେତେବେଳେ ସତ୍ୟ ବୋଲିମାନିବାକୁ ପଡ଼େ ?

(ଛ) ଗୋଧୂଳି ଗଗନ କିପରି ଦିଶୁଥିଲା ?

**10.** ***ଦୁଇଟି*** ପ୍ରଶ୍ନର ଉତ୍ତର ଦିଅ । *2×5 =10*

(କ) ରାଓ ଟିକି ଝିଅଟିକୁ କଣ ପଚ଼ରିଲେ ଓ କି ଉତ୍ତର ପାଇଲେ ?

(ଖ) ବତାସରେ ମହୁରୀ ଗାଁର କି ଅବସ୍ଥା ହୋଇଥିଲା ?

(ଗ) କାହାର ସ୍ପର୍ଶ କାହିଁକି ବେଣୁଧରର ଅନ୍ତରକୁ ଛୁଇଁଥିଲା ?

(ଘ) ବାପ ଅସୁସ୍ଥ ହେବା ପରେ ଜହ୍ନ କି କାମ କରୁଥିଲା ?